# ମୋର ଆସାମ ଭ୍ରମଣ

● ଲକ୍ଷ୍ମୀନାରାୟଣ ସାହୁ

## ଲେଖକ ପରିଚୟ :

ଲକ୍ଷ୍ମୀନାରାୟଣ ସାହୁ (୧୮୯୦-୧୯୬୩)ଙ୍କ ଜନ୍ମସ୍ଥାନ ବାଲେଶ୍ୱର ସହର । ଉତ୍କଳର ଜଣେ ସ୍ୱାଧୀନଚେତା ବ୍ୟକ୍ତି ଭାବରେ ସେ ବିଖ୍ୟାତ । ଆଜୀବନ ସତ୍ୟ ଓ ସରଳତାକୁ ପାଥେୟ କରି ସମୂହ କଲ୍ୟାଣ ନିମନ୍ତେ ଶିକ୍ଷା, ରାଜନୀତି ଓ ସେବାକ୍ଷେତ୍ର ପ୍ରଭୃତିରେ ନିଜକୁ ନିୟୋଜିତ କରିଥିଲେ । ସେ ଥିଲେ ଭାରତ ସେବକ ସମାଜର ସଭ୍ୟ । ଚାରୋଟି ବିଷୟରେ ଏମ୍.ଏ. ପାସ୍ କରିଥିଲେ । ଭାରତ ସରକାରଙ୍କଠାରୁ 'ପଦ୍ମଶ୍ରୀ' ଓ ଉତ୍କଳ ବିଶ୍ୱବିଦ୍ୟାଳୟରୁ 'ଡି.ଲିଟ.' ଉପାଧି ପାଇଛନ୍ତି । ସେ ପଚାଶରୁ ଊର୍ଦ୍ଧ୍ୱ ପୁସ୍ତକର ରଚୟିତା । 'ମୁଁ ଓଡ଼ିଆ', 'ମା', 'ସାଙ୍ଗସାଥୀ', 'ପରଶ' (କବିତା), '୧୯୬୧ କବିତା', 'ଲାଇବ୍ରେରୀ ଆନ୍ଦୋଳନ' ଓ ଆତ୍ମଜୀବନୀ 'ମୋ ବାରବୁଲା ଜୀବନ' ପ୍ରଭୃତି ତାଙ୍କଦ୍ୱାରା ରଚିତ କେତୋଟି ଜଣାଶୁଣା ଗ୍ରନ୍ଥ ।

'ମୋର ଆସାମ ଭ୍ରମଣ' ପ୍ରବନ୍ଧଟି ଲେଖକଙ୍କ ଆତ୍ମଜୀବନୀ 'ମୋ ବାରବୁଲା ଜୀବନ' ପୁସ୍ତକରୁ ସଂଗୃହୀତ । ଆଲୋଚ୍ୟ ପ୍ରସଙ୍ଗରେ ଆସାମ ଆଦିବାସୀମାନଙ୍କର ଜୀବନଯାପନ, ଆସାମର ଭାଷା, ଶିକ୍ଷା, ଧର୍ମବିଶ୍ୱାସ ଏବଂ ସର୍ବୋପରି ଓଡ଼ିଶା ସହ ତାହାର ସ୍ନେହ ସୌହାର୍ଦ୍ଦ୍ୟପୂର୍ଣ୍ଣ ସମ୍ପର୍କ ଇତ୍ୟାଦି ଉପସ୍ଥାପିତ ।

---

୧୯୩୮ ଖ୍ରୀଷ୍ଟାବ୍ଦରେ ବରୋଦାର ଲାଇବ୍ରେରୀ ଆନ୍ଦୋଳନ ଓ ବାଧ୍ୟତାମୂଳକ ପ୍ରାଥମିକ ଶିକ୍ଷା ଅନୁଧ୍ୟାନ କଲା ପରେ ମୁଁ ଠକ୍କରବାପାଙ୍କ ଆଦେଶକ୍ରମେ ବ୍ରହ୍ମପୁତ୍ର ନଦୀରେ ବନ୍ୟା ହୋଇଥିବା ଯୋଗୁଁ ଆସାମବାସୀଙ୍କର ଯେଉଁ କ୍ଷତି ହୋଇଥିଲା ତା'ର ଅନୁସନ୍ଧାନ କରିବାପାଇଁ ପ୍ରେରିତ ହେଲି । ଅନୁସନ୍ଧାନ ପରେ ମୁଁ ଆସାମର ଉତ୍ତର ଉପତ୍ୟକା ଓ ଦକ୍ଷିଣ ଉପତ୍ୟକା ବିଚରଣ କଲି । ଉତ୍ତର ଉପତ୍ୟକାରେ ବଢ଼ିରେ କ୍ଷତିଗ୍ରସ୍ତ ହୋଇଥିବା ଅଞ୍ଚଳ ଯଥା: ଲକ୍ଷ୍ମୀପୁର, ଦିବ୍ରୁଗଡ଼, ଜୋରହାଟ, ଶିବ୍‌ସାଗର ଇତ୍ୟାଦି ସ୍ଥାନରେ ସେବାକାର୍ଯ୍ୟ ମଧ୍ୟ କଲି । ବିଶେଷଭାବରେ ମୁଁ ଲକ୍ଷ୍ମୀପୁର ଜିଲ୍ଲା ଅନ୍ତର୍ଗତ ସୁବର୍ଣ୍ଣଶିରୀ ନଦୀକୂଳରେ ଥିବା ଦେବଦିଆ ଗ୍ରାମକୁ କେନ୍ଦ୍ର କରି ମିରି ଜାତିର ଲୋକଙ୍କର ସେବା କରିଥିଲି । ସେମାନଙ୍କୁ ଶସ୍ତା ଦରରେ ଚାଉଳ ଓ ଲୁଗା ବିତରଣ କରିବା ଏବଂ ବିନା ମୂଲ୍ୟରେ ସେମାନଙ୍କୁ ଔଷଧାଦି ବିତରଣ କରିବା ଏବଂ ଔଷଧଦ୍ୱାରା ସେମାନଙ୍କର ସେବା କରିବା କାର୍ଯ୍ୟ କରିଥିଲି ।

ଆସାମର ଏହି ବ୍ରହ୍ମପୁତ୍ର ନଦୀ ଅତି ବିଶାଳ ଓ ଖରବାହୀ । ମିରିମାନେ ସୁବର୍ଣ୍ଣଶିରୀ ନଦୀ କୂଳେ କୂଳେ କାଠ ଘର କରି ଉଚ୍ଚରେ ଥାଆନ୍ତି । ଏକପ୍ରକାର ଦୋତାଲା ଘର କହିଲେ ଚଳେ । ଉପରେ ସମସ୍ତେ ଗୋଟିଏ ଘରେ ରହନ୍ତି । ବାପ ମା, ପିଲାପିଲି ସମସ୍ତେ । ତଳେ ଘୁଷୁରି, କୁକୁର, ଗୋରୁ ଇତ୍ୟାଦି ଥାଆନ୍ତି । କୁକୁଡ଼ା ଅବଶ୍ୟ ଉପରେ ପିଞ୍ଜରାରେ ଥାଏ । ସରଳ ସୁନ୍ଦର ଜୀବନ ଏମାନଙ୍କର । କିଛି ଛନ୍ଦ କପଟ ନାହିଁ । ସୁବର୍ଣ୍ଣଶିରୀ ନଦୀ କୂଳରେ ସାନ ସାନ ଛୁଆମାନେ ବାଲିରେ ଖେଳୁଥାନ୍ତି ।

ଏହି ସମୟରେ ମୁଁ ମିରି ଜାତିର ଗୋଟିଏ ସମ୍ମିଳନୀରେ ଯୋଗଦାନ କରିଥିଲି । ଯେଉଁ ଗାଁରେ ସମ୍ମିଳନୀ ହୋଇଥିଲା ସେଠାକୁ ଯେତେ ଲୋକ ଯାଇଥିଲେ, ସମସ୍ତଙ୍କୁ ସେ ଗ୍ରାମର ଯେତେ ଘର ଥିଲା ସବୁ ଘରେ ଆଶ୍ରୟ ଦେଇଥିଲେ ଏବଂ ଖାଇବାର ବନ୍ଦୋବସ୍ତ କରିଥିଲେ । ଏହି ମିରିଜାତି ତଥା ଆସାମର ଅନ୍ୟାନ୍ୟ ଆଦିବାସୀମାନେ ସମୂହ ଭାବରେ ଜୀବନଯାପନ କରନ୍ତି । ସେମାନଙ୍କର ବ୍ୟକ୍ତିଗତ ସମ୍ପତ୍ତିର ଅଧିକାର ମନୋଭାବ ସେପରି କିଛି ନାହିଁ । କେବଳ ଆସାମର କାହିଁକି ଭାରତବର୍ଷର ଅନ୍ୟାନ୍ୟ ଅଞ୍ଚଳର ଆଦିବାସୀଙ୍କ ମଧ୍ୟରେ ସେଇ ଏକ ମନୋଭାବ ।

ମୁଁ ବଢ଼ିର କାର୍ଯ୍ୟ ଶେଷ କରି ଆସାମର ଯେତେ ସ୍କୁଲ କଲେଜ ଅଛି ସବୁ ପରିଦର୍ଶନ କରିଥିଲି ଏବଂ ଅଧିକାଂଶ ଜାଗାରେ ବକ୍ତୃତା ଦେଇଥିଲି । ବଙ୍ଗଳାରେ ବକ୍ତୃତା ଦେଲେ ସେମାନେ ବୁଝିପାରନ୍ତି । ଓଡ଼ିଆରେ ବକ୍ତୃତା ଦେଲେ ମଧ୍ୟ ସେମାନେ ବୁଝିପାରନ୍ତି । କୌଣସି କୌଣସି ଜାଗାରେ ଅହମିଆ ଆଉ ବଙ୍ଗାଳୀ ମନୋଭାବ ତିକ୍ତ ଥିବାରୁ ମୁଁ ଓଡ଼ିଆରେ ବକ୍ତୃତା ଦେଇଥିଲି । ଆଉ ଯେଉଁଠାରେ ବଙ୍ଗାଳୀଙ୍କ ସଂଖ୍ୟା ଅଧିକ, ଯଥା- ଗୋଆଳପଡ଼ା ଇତ୍ୟାଦି ଅଞ୍ଚଳ, ସେଠାରେ ବଙ୍ଗଳାରେ ବକ୍ତୃତା ଦେଇଥିଲି । ଆସାମରେ ବୁଲି ବୁଲି ଗୋଟିଏ ଜିନିଷ ଲକ୍ଷ୍ୟ କରିଥିଲି । ତା ହେଉଛି – ହୁ ହୁ କରି ସ୍ତ୍ରୀଶିକ୍ଷା ବଢ଼ି ପରି ମାଡ଼ିଯାଉଛି, ମୋତେ ଭାରି ଭଲ ଲାଗିଲା ।

ଅହମିଆମାନଙ୍କ ଭାଷା ଅତି ମଧୁର । ବିଶେଷତଃ ସେମାନଙ୍କ ଗୀତ ବଙ୍ଗଳା ଗୀତଠାରୁ ଅଧିକ ହୃଦ୍ୟ । ଆସାମରେ ଥିଲାବେଳେ ମୁଁ କେତେଗୁଡ଼ିଏ ଚା'ବଗିଚାକୁ ଯାଇଥିଲି ଏବଂ ସେଠାରେ ଆମ ଓଡ଼ିଆ ଓ ଆମର ଅନ୍ୟାନ୍ୟ ପ୍ରଦେଶରୁ ପୁରୁଷ ସ୍ତ୍ରୀଲୋକ ଯାଇ କିପରି ଚା'ଗଛ ଲଗାଉଛନ୍ତି ଏବଂ କିପରି ଅବସ୍ଥାରେ ସେମାନେ ଅଛନ୍ତି, ସେ ସବୁ କଥା ଦେଖିଥିଲି ।

ଆସାମର ପ୍ରସିଦ୍ଧ ଶଙ୍କରଦେବ ଓଡ଼ିଶାକୁ ଆସି ପୁରୀରେ ବହୁ ବର୍ଷ ରହିଥିଲେ ଏବଂ ସେ ଏଠାରୁ ଫେରିଯିବାବେଳେ ସାଙ୍ଗରେ ଜଗନ୍ନାଥ ମୂର୍ତ୍ତି ଇତ୍ୟାଦି ନେଇ ଯାଇଥିଲେ । ଆଜିଯାଏ ସେହି ଦ୍ୱୀପ ଭିତରେ ଥିବା ରାମମାଦୁଲି ନାମକ ସ୍ଥାନରେ ଉକ୍ତ ମୂର୍ତ୍ତି ପୂଜିତ ହେଉଅଛନ୍ତି । ଶଙ୍କରଦେବ ଓଡ଼ିଶାରେ ଭାଗବତ ଘର ଅନୁକରଣରେ ଆସାମରେ 'ନାମ' ଘରମାନ ପ୍ରସାର କରିଥିଲେ । ଆସାମ ଓ ଓଡ଼ିଶା ଉଭୟ ପ୍ରାଚୀନ ତନ୍ତ୍ରପୀଠ । ସେଠାକାର କାମାକ୍ଷା, ଏଠାକାର ବିରଜା । ଆମ୍ଭମାନଙ୍କର ଜୀବନରେ ଆସାମ ଓଡ଼ିଶା କିପରି ପ୍ରାଚୀନ ସ୍ନେହ ଓ ସୌହାର୍ଦ୍ଦ୍ୟରେ ପୂର୍ବପରି ବାନ୍ଧି ହୋଇଯିବ, ସେଇ ଚିନ୍ତା ଆମର କରିବା ଉଚିତ ।

ଆସାମବାସୀଙ୍କର ପ୍ରସିଦ୍ଧ ତୀର୍ଥସ୍ଥାନ ଜଗନ୍ନାଥ ଧାମ । ଗୋଟିଏ ସ୍ଥାନରେ ମୁଁ ନଦୀ ପାରିହେଉଛି, ଡଙ୍ଗାରୁ ଓହ୍ଲାଇଲାବେଳେ ନାଉରିଆ ଯେତେବେଳେ ଜାଣିଲା ମୁଁ ଜଗନ୍ନାଥ ଦେଶର ଲୋକ ସେତେବେଳେ ସେ ମୋ ଗୋଡ଼ ତଳେ ପଡ଼ିଗଲା ଏବଂ ନମସ୍କାର କଲା ଓ ପଇସା ଫେରାଇ ଦେଲା । ଏହିପରି ଭକ୍ତି ସାଧାରଣ ଲୋକଙ୍କର ଜଗନ୍ନାଥ ଦେଶବାସୀଙ୍କ ପ୍ରତି ଅଛି ।

ଆସାମକୁ ଲୋକ ଗଲେ ଆଉ ଦେଶକୁ ଫେରନ୍ତି ନାହିଁ, ଆଉ ଆସାମରେ ମେଣ୍ଢା ହୋଇ ରହିଯାନ୍ତି, ଏହି ଯେଉଁ ପ୍ରବାଦ ଅଛି, ତା'ର କାରଣ ହେଉଛି ଆସାମ ଓଡ଼ିଶାଠାରୁ ବହୁତ ଦୂରରେ ଅବସ୍ଥିତ । ସେଠାକୁ ଯିବା ସହଜ ନୁହେଁ ଏବଂ ଫେରିବା ମଧ୍ୟ ସହଜ ନୁହେଁ । ଦ୍ୱିତୀୟତଃ ପୂର୍ବେ କୁଲି ହୋଇ ଯେଉଁମାନେ ଯାଉଥିଲେ ସେମାନଙ୍କୁ ଲେଖିଦେବାକୁ ପଡୁଥିଲା ଯେ ସେମାନେ ଦଶ ବା କୋଡ଼ିଏ ବର୍ଷ ପାଇଁ ଏକପ୍ରକାର ବନ୍ଧା ହୋଇ ସେଠାରେ ରହିବେ । ଚା' ବଗିଚାରେ ଏହି କୁଲିମାନେ କାର୍ଯ୍ୟ କରୁଥିଲେ । ଆଉ ଯେତେବେଳେ ସେମାନେ ଦେଶକୁ ଫେରୁଥିଲେ, ସେମାନଙ୍କର ସ୍ୱାସ୍ଥ୍ୟ ଭଙ୍ଗ ହେଉଥିଲା । ମ୍ୟାଲେରିଆ ଓ କାଳାଜ୍ୱର ସେମାନେ ଭୋଗୁଥିଲେ । ଆଜି କିନ୍ତୁ ଅବସ୍ଥା ପରିବର୍ତ୍ତିତ ହୋଇଛି । କୌଣସି କୁଲିକୁ ଦଶ ବା କୋଡ଼ିଏ ବର୍ଷ ପାଇଁ ବାଧ୍ୟ ହୋଇ ଆସାମରେ ରହିବାକୁ ପଡୁନି ।

ଆସାମ ମଧ୍ୟରେ ସିଲଟ୍ ଜିଲ୍ଲାଟି ପ୍ରାଚୀନ । ସେଠାକୁ ଚୈତନ୍ୟ ଦେବଙ୍କ ପୂର୍ବପୁରୁଷ ଓଡ଼ିଶାରୁ ଯାଇ ରହିଥିଲେ । ସିଲହଟୀ ଲିପି ଏକପ୍ରକାର ଅଛି । ତା'ର ଓଡ଼ିଆ ସହିତ ସାମଞ୍ଜସ୍ୟ ଅଛି । ପୂର୍ବେ ସ୍ଥଳପଥରେ ଲୋକେ ଓଡ଼ିଶାରୁ ଆସାମ ଯାଉଥିଲେ । ସେତେବେଳେ ତଳ ବଙ୍ଗଦେଶ ସାଗର ଗର୍ଭରେ ଥିଲା । ଆସାମର ସବୁ ଜିଲ୍ଲା ପରିଭ୍ରମଣ କରି ମୁଁ ଓଡ଼ିଶାକୁ ଫେରିଲି ।

**ସୂଚନା :**

ଠକ୍କରବାପା - ୧୮୬୯ ମସିହା ନଭେମ୍ବର ୨୯ରେ ତାଙ୍କର ଜନ୍ମ । ଗୁଜରାଟସ୍ଥ ଭାବନଗରର ଅଧିବାସୀ । ସେ ଦକ୍ଷିଣ ଆଫ୍ରିକା ଏବଂ ଭାରତରେ ଇଞ୍ଜିନିୟର ରୂପେ କାର୍ଯ୍ୟ କରିଥିଲେ । ସେ ଥିଲେ ମହାତ୍ମାଗାନ୍ଧିଙ୍କର ସମର୍ଥକ । ୧୯୩୨ରେ ଦେଶୀୟ ରାଜ୍ୟରେ ପ୍ରଜା ଅଧିକାରପାଇଁ ଜେଲ ବରଣ କରିଥିଲେ । "ସେବା ହିଁ ମୋର ଜନ୍ମଗତ ଅଧିକାର" ଏହା ଥିଲା ତାଙ୍କ ଜୀବନର ମୂଳମନ୍ତ୍ର ।

ଅନୁସନ୍ଧାନ - ଅନ୍ୱେଷଣ, ଖୋଜିବା

ଖରବାହୀ - ପ୍ରଚଣ୍ଡ ବେଗରେ ଯାହା ବହିଯାଉଥାଏ ।

ସମ୍ମିଳନୀ - ବହୁ ବସ୍ତୁର ଏକତ୍ର ମିଶ୍ରଣ, ସଂଯୋଗ, ବହୁ ବ୍ୟକ୍ତିଙ୍କର ସମ୍ମିଳିତ ସଭା ।

ବନ୍ଦୋବସ୍ତ - ବ୍ୟବସ୍ଥା

ପରିଦର୍ଶନ - ଉତ୍ତମରୂପେ ଦେଖିବା

ହୃଦ୍ୟ - ମନୋହର, ରମଣୀୟ

ତନ୍ତ୍ର - ଯେଉଁ ଶକ୍ତିଦ୍ୱାରା ଶିବ ଓ ଶକ୍ତିଙ୍କର ଉପାସନା କରାଯାଇଛି; ଶିବ ଓ ଶକ୍ତିଙ୍କର ଉପାସନା ବିଷୟକ ଶାସ୍ତ୍ର ।

ସୌହାର୍ଦ୍ଦ୍ୟ - ମୈତ୍ରୀ, ଘନିଷ୍ଠ ବନ୍ଧୁତା

# ପ୍ରଶ୍ନାବଳୀ

## ସଂକ୍ଷିପ୍ତ ଉତ୍ତରମୂଳକ :

୧. ଲେଖକ ବରୋଦା କାହିଁକି ଯାଇଥିଲେ ?
୨. ଲେଖକ ଆସାମ ଯିବାର କାରଣ କ'ଣ ?
୩. ଆସାମରେ ସେବାକାର୍ଯ୍ୟ ସେ କିପରି ସଂପାଦନ କରିଥିଲେ ?
୪. ଆସାମରେ ପ୍ରବାହିତ ବିଶାଳ ନଦୀଟିର ନାମ କ'ଣ ?
୫. ଏହି ନଦୀକୁ ଲେଖକ 'ଖରବାହୀ' ବୋଲି କାହିଁକି କହିଛନ୍ତି ?
୬. ମିରିମାନେ କିପରିଭାବେ ବାସ କରନ୍ତି ?
୭. ସେମାନଙ୍କ ପିଲାମାନେ କେଉଁଠାରେ ଖେଳନ୍ତି ?
୮. 'ଆଦିବାସୀମାନେ ସମୂହଭାବେ ଜୀବନଯାପନ କରନ୍ତି', ଲେଖକ ଏହା କାହିଁକି କହିଛନ୍ତି ?
୯. ଆସାମର ନାରୀଶିକ୍ଷା ସମ୍ପର୍କରେ ଲେଖକ କ'ଣ କହିଛନ୍ତି ?
୧୦. ଆସାମରେ 'ନାମ'ଘର କିପରି ପ୍ରତିଷ୍ଠା ହୋଇଥିଲା ?
୧୧. ଶଙ୍କରଦେବ ଓଡ଼ିଶାରୁ ଫେରିବାବେଳେ ସାଥିରେ କ'ଣ ନେଇଥିଲେ ?
୧୨. ଜଗନ୍ନାଥ ମୂର୍ତ୍ତି ପୂଜିତ ହେଉଥିବା ସ୍ଥାନର ନାମ କ'ଣ ?
୧୩. ଆସାମ ଓ ଓଡ଼ିଶାର ତନ୍ତ୍ରପୀଠ ସଂପର୍କରେ ଲେଖକ କ'ଣ କହିଛନ୍ତି ?
୧୪. ଓଡ଼ିଶାରେ ବିରଜାକ୍ଷେତ୍ର କେଉଁଠାରେ ଅବସ୍ଥିତ ?
୧୫. ଆସାମବାସୀଙ୍କର ପ୍ରସିଦ୍ଧ ତୀର୍ଥସ୍ଥାନର ନାମ କ'ଣ ?
୧୬. ଆସାମର ସାଧାରଣ ଲୋକଙ୍କର ଜଗନ୍ନାଥଦେଶବାସୀଙ୍କ ପ୍ରତି ଭକ୍ତି ରହିଛି ବୋଲି ଏ ପ୍ରବନ୍ଧରୁ କିପରି ଜଣାପଡୁଛି ?
୧୭. ଆସାମରେ ମେଣ୍ଢା ହୋଇ ରହିଯାନ୍ତି ବୋଲି ରହିଥିବା ପ୍ରବାଦଟିର କାରଣ କ'ଣ ?
୧୮. ଆସାମର ସର୍ବପ୍ରାଚୀନ ଜିଲ୍ଲାଟିର ନାମ କ'ଣ ?
୧୯. ଓଡ଼ିଆ ସହିତ ସାମଞ୍ଜସ୍ୟ ରହିଥିବା ଲିପିର ନାମ କ'ଣ ?

## ସପ୍ରସଙ୍ଗ ସରଳାର୍ଥ ଲେଖ :

୨୦. ସରଳ ସୁନ୍ଦର ଜୀବନ ଏମାନଙ୍କର । କିଛି ଛନ୍ଦ କପଟ ନାହିଁ ।
୨୧. ସେମାନଙ୍କର ବ୍ୟକ୍ତିଗତ ସମ୍ପତ୍ତିର ଅଧିକାର ମନୋଭାବ ସେପରି କିଛି ନାହିଁ ।
୨୨. ହୁ ହୁ କରି ସ୍ତ୍ରୀଶିକ୍ଷା ବଢ଼ି ପରି ମାଡ଼ିଯାଉଛି, ମୋତେ ଭାରି ଭଲ ଲାଗିଲା ।
୨୩. ଆମ୍ଭମାନଙ୍କର ଜୀବନରେ ଆସାମ ଓଡ଼ିଶା କିପରି ପ୍ରାଚୀନ ସ୍ନେହ ଓ ସୌହାର୍ଦ୍ଦ୍ୟରେ ପୂର୍ବପରି ବାନ୍ଧି ହୋଇଯିବ, ସେଇ ଚିନ୍ତା ଆମର କରିବା ଉଚିତ ।

### ଦୀର୍ଘ ଉତ୍ତରମୂଳକ :

୨୪. ଆସାମର ମିରିଜାତି ତଥା ଅନ୍ୟାନ୍ୟ ଆଦିବାସୀମାନଙ୍କର ଜୀବନଯାପନ ପ୍ରଣାଳୀ ସଂପର୍କରେ ଲେଖ ।

୨୫. ଅହମିଆମାନଙ୍କ ଭାଷା, ଶିକ୍ଷା ଓ ଧର୍ମବିଶ୍ୱାସ ସମ୍ପର୍କରେ ବର୍ଣ୍ଣନ କର ।

୨୬. ଆସାମର ବନ୍ୟାକ୍ଷତିଗ୍ରସ୍ତ ଅଞ୍ଚଳ ଏବଂ ସ୍କୁଲ କଲେଜରେ ଲେଖକଙ୍କ ସେବାକାର୍ଯ୍ୟ ବର୍ଣ୍ଣନ କର ।

୨୭. ଭାଷା, ପରଂପରା ଓ ଧର୍ମବିଶ୍ୱାସ କ୍ଷେତ୍ରରେ ଆସାମ ଓ ଓଡ଼ିଶା ମଧ୍ୟରେ ରହିଥିବା ସାମଞ୍ଜସ୍ୟ ସମ୍ପର୍କରେ ଲେଖ ।

୨୮. ଆସାମ ସମ୍ପର୍କରେ ଏହି ପ୍ରବନ୍ଧରୁ ଯାହା ଜାଣିଲ ବର୍ଣ୍ଣନା କରି ମା'ଙ୍କ ନିକଟକୁ ପତ୍ର ଲେଖ ।

### ନିର୍ଦ୍ଦିଷ୍ଟ ଉତ୍ତରମୂଳକ :

୨୯. ନିମ୍ନଲିଖିତ ଶବ୍ଦଗୁଡ଼ିକର ସନ୍ଧିବିଚ୍ଛେଦ କର ।

ଅନ୍ୟାନ୍ୟ, ମନୋଭାବ, ଜଗନ୍ନାଥ, ଇତ୍ୟାଦି

୩୦. 'ହୁ ହୁ' ଏକ ଧ୍ୱନ୍ୟାତ୍ମକ ଶବ୍ଦ । ଏହିଭଳି ଚାରିଗୋଟି ଧ୍ୱନ୍ୟାତ୍ମକ ଶବ୍ଦ ଲେଖ ।

୩୧. ନିମ୍ନଲିଖିତ ଶବ୍ଦଗୁଡ଼ିକୁ ବ୍ୟବହାର କରି ଗୋଟିଏ ଲେଖାଏଁ ବାକ୍ୟ ଲେଖ ।

ଅନୁସନ୍ଧାନ, ଖରବାହୀ, ସୌହାର୍ଦ୍ଦ୍ୟ, ବନ୍ଦୋବସ୍ତ, ପରିଦର୍ଶନ

୩୨. ନିମ୍ନରେ ପ୍ରଦତ୍ତ ବିଶେଷଣ ପଦଗୁଡ଼ିକୁ ବିଶେଷ୍ୟ ପଦରେ ପରିଣତ କର ।

ସେବିତ, ଜୀବିତ, ସାମୂହିକ, ପ୍ରେରିତ

୩୩. 'ପ୍ରାଚୀନ' ଶବ୍ଦର ବିପରୀତାର୍ଥବୋଧକ ଶବ୍ଦ କ'ଣ ହେବ ବନ୍ଧନୀ ମଧ୍ୟରୁ ଠିକ୍ ଶବ୍ଦଟି ବାଛି ଲେଖ ।

(ସମକାଳୀନ, ନିତ୍ୟ, ଅର୍ବାଚୀନ, ପୁରାତନ)

୩୪. ଭିନ୍ନ ଶ୍ରେଣୀର ଶବ୍ଦଟି ବାଛି ଲେଖ ।

(କ) ଲକ୍ଷ୍ମୀପୁର, ଦିବ୍ରୁଗଡ଼, ଶିବ୍‌ସାଗର, ସୁବର୍ଣ୍ଣଶିରୀ

(ଖ) ଘୁଷୁରି, କୁକୁର, କୁକୁଡ଼ା, ଗୋରୁ

(ଗ) ଅନୁଧ୍ୟାନ, ଅନୁସଂଧାନ, ଅଚେତନ, ବିଶ୍ଳେଷଣ

୩୫. ବନ୍ଧନୀ ମଧ୍ୟରୁ ଠିକ୍ ଶବ୍ଦଟି ବାଛି ଶୂନ୍ୟସ୍ଥାନ ପୂରଣ କର ।

(କ) ଅହମିଆମାନଙ୍କ ଭାଷା ଅତି ______ ।

(ମଧୁର, କର୍କଶ, ଉତ୍ତେଜକ)

(ଖ) ବିଶେଷତଃ ସେମାନଙ୍କ ଗୀତ ______ ଗୀତଠାରୁ ଅଧିକ ହୃଦ୍ୟ ।

(ଓଡ଼ିଆ, ବଙ୍ଗଳା, ହିନ୍ଦୀ)

୩୬. ‘ଚିଠିଟି ପଠାଗଲା’ – ଏହି ବାକ୍ୟଟିକୁ ସଂଯୁକ୍ତ କ୍ରିୟା ବ୍ୟବହାର କରି ଆମେ ଲେଖିପାରିବା – ‘ଚିଠିଟି ପ୍ରେରଣ କରାଗଲା ।’ ସେହିପରି ସଂଯୁକ୍ତ କ୍ରିୟା ବ୍ୟବହାର କରି ନିମ୍ନଲିଖିତ ବାକ୍ୟଗୁଡ଼ିକୁ ଲେଖ ।

(କ) ଗିଲାସରୁ ପାଣି ପଡ଼ିଗଲା ।

(ଖ) ମୁଁ ଓଡ଼ିଶାକୁ ଫେରିଲି ।

(ଗ) ସେ ସମସ୍ତଙ୍କ ଆଗରେ ଗପଟି ପଢ଼ିଲେ ।

(ଘ) ମୋ କଥାକୁ ମନଦେଇ ଶୁଣ ।

## ତୁମପାଇଁ କାମ :

୩୭. ଲକ୍ଷ୍ମୀନାରାୟଣ ସାହୁଙ୍କ ‘ମୋ ବାରବୁଲା ଜୀବନ’ ବହିଟି ସଂଗ୍ରହ କରି ପଢ଼ ।

୩୮. ଓଡ଼ିଆରେ ଲିଖିତ ପାଞ୍ଚୋଟି ଭ୍ରମଣ କାହାଣୀ ପୁସ୍ତକର ନାମ ଓ ତାହାର ଲେଖକଙ୍କ ନାମ ସଂଗ୍ରହ କରି ଲେଖ ।

❖❖❖